## ଏହା ଲୋକପାଳ ନିଯୁକ୍ତିର ଉପଯୁକ୍ତ ପନ୍ଥା ନୁହେଁ ।

**ତା.୨୭.୦୨.୨୦୧୪**

**ଅରୁଣ ଜେଟଲୀ, ବିରୋଧୀ ଦଳର ନେତା, ରାଜ୍ୟସଭା**

ଲୋକପାଳ ଓ ଲୋକାୟୁକ୍ତ ଆକ୍ଟ ୨୦୧୩ ଗଠନର ୪୬ ବର୍ଷ ପରେ ଲାଗୁ ହୋଇଅଛି । ଯେଉଁଠି ଅନୁଷ୍ଠାନ ଗଠନ ଏକ କଷ୍ଟକର ବ୍ୟାପାର । ସ୍ୱଚ୍ଛତା, ଦକ୍ଷତା ତଥା ଉତ୍ତମ ପଦ୍ଧତିରେ ୪ ଜଣ ନ୍ୟାୟିକ ସଦସ୍ୟ ଓ ୪ ଜଣ ଅଣନ୍ୟାୟିକ ସଦସ୍ୟଙ୍କୁ ନିଯୁକ୍ତି ଦେବା ହେଉଛି ଏହାର ପନ୍ଥା । ମାତ୍ର ଉପା ସରକାର ନିର୍ବାଚନର ଠିକ ପୂର୍ବରୁ ଖୁବ ଚଞ୍ଚଳତା ପୂର୍ବକ ଯେଉଁଭଳି ରୀତିରେ ଲୋକପାଳ ନିଯୁକ୍ତି କରିଛନ୍ତି ତାହା ଖୁବ ନିନ୍ଦନୀୟ ।

### ଏହା ଆକ୍ଟର ୪-ଘ କୁ ଉଲଙ୍ଘନ କରୁଅଛି ।

ଆକ୍ଟର ୪-ଘ ଅନୁଯାୟୀ ବିବେଚନା କମିଟି ହିଁ ଏକ ସ୍ୱଚ୍ଛ ପ୍ରକ୍ରିୟା ମାଧ୍ୟମରେ ନିଜ ନିୟନ୍ତ୍ରଣରେ ଲୋକପାଳଙ୍କ ଚେୟାରପରସନଙ୍କୁ ବାଛିବ । ହେଲେ ଉକ୍ତ କମିଟି ୨୧.୦୨.୨୦୧୪ ରେ ଥରେ ମାତ୍ର ବସିଛି ଓ ଉକ୍ତ ବୈଠକରେ ହିଁ ମୁଁ ଜାଣିବାକୁ ପାଇଲି କି, ତଦନ୍ତ କମିଟିର ସଦସ୍ୟ ମାନଙ୍କୁ ନିଯୁକ୍ତି ଦିଆଯାଇଛି । ପରସୋନେଲ ଓ ଟ୍ରେନିଂ ବିଭାଗ ବିବେଚନା କମିଟିର ପରାମର୍ଶ ନଲୋଡ଼ି ୧୨.୦୧.୨୦୧୪ ରେ ଏକ ବିଜ୍ଞାପନ ଜାରି ମଧ୍ୟ କରିଥିଲା । ସେତେବେଳେ ବିବେଚନା କମିଟି ତିଆରି ହୋଇ ନଥିଲା କିମ୍ବା ଲୋକପାଳର ନ୍ୟାୟିକ ବା ଅଣନ୍ୟାୟିକ ସଦସ୍ୟ ମାନଙ୍କୁ ଡ଼କା ଯାଇନଥିଲା । ଏଥି ସମ୍ପର୍କରେ ମୁଁ ୨୦.୦୧.୨୦୧୪ ଓ ୩୦.୦୧.୨୦୧୪ ରେ ପ୍ରଧାନ ମନ୍ତ୍ରୀଙ୍କୁ ଏକ ପତ୍ର ମାଧ୍ୟମରେ ଜଣାଇଥିଲି । ଯଦିଓ ମୁଁ ଦୁଇଟି ପତ୍ରର ପ୍ରତ୍ୟୁତ୍ତର ପାଇଅଛି ହେଲେ ସେଥିରେ ଉକ୍ତ ବିଷୟ ସମ୍ବନ୍ଧୀୟ କୌଣସି ବାର୍ତ୍ତା ନଥିଲା । ଆକ୍ଟର ନିୟମାନୁଯାୟୀ ଏଥିରେ ପରସୋନେଲ ଓ ଟ୍ରେନିଂ ବିଭାଗର କୌଣସି ଭୂମିକା ନଥିବା ବେଳେ ଉକ୍ତ ବିଭାଗ ନିଜେ ହିଁ ସମସ୍ତ ଦାୟିତ୍ୱ ନିଜେ ବହନ କରିଥିବା ହେତୁ ଏହା ଆକ୍ଟର ନିୟମକୁ ଉଲଙ୍ଘନ କରୁଅଛି ।

### ଉକ୍ତ ପଦବୀ ପାଇଁ ଯୋଗ୍ୟ ବ୍ୟକ୍ତିଙ୍କୁ ଆଶା କରାଯାଉଥିଲା ।

ମୁଁ ପ୍ରଧାନମନ୍ତ୍ରୀଙ୍କୁ ଦେଇଥିବା ପତ୍ରରେ ଉଲ୍ଲେଖ କରିଥିଲି କି, ଅବସର ପ୍ରାପ୍ତି ପରେ କୌଣସି ଅଫିସରଙ୍କୁ ନିଯୁକ୍ତି ଦେବା ଦ୍ୱାରା ସେମାନଙ୍କର ପଦବୀ ତଥା କାର୍ଯ୍ୟ କରୁଥିବା

ଅନୁଷ୍ଠାନର ସମ୍ମାନରେ ଆଞ୍ଚ ଆସିବ । କାରଣ ଭବିଷ୍ୟତରେ ସରକାରୀ ଚାକିରି ପାଇବାର ଲାଳସା ତାଙ୍କୁ ସୁନିଷ୍ପତ୍ତି ତଥା ନିରପେକ୍ଷ ନିଷ୍ପତ୍ତି ନେବାରେ ବାଧା ସୃଷ୍ଟି କରାଇବ । ଏହାପରେ ସରକାର ୦୭ ୦.୨୦୧୪ ରେ ସମସ୍ତ ଦରଖାସ୍ତ ଗ୍ରହଣ କରିଥିଲେ ଓ ବହୁ ଜଜ ମଧ୍ୟ ଏଥିପାଇଁ ନିଜ ଆବେଦନ ପତ୍ର ଫେରସ୍ତ ନେଇଥିଲେ ଓ ବାକି ଦରଖାସ୍ତ ମୁଖ୍ୟ ବିଚାପତିଙ୍କ ପାଖକୁ ପଠାଯାଇଥିଲା । ଉକ୍ତ ଆବେଦନ ପତ୍ରର ପାରା ୧୫ ରେ ଆବେଦନକାରୀଙ୍କ ଅଭିଜ୍ଞତା ଓ ଯୋଗ୍ୟତା ସମ୍ପର୍କରେ ଥିବା ବେଳେ ପାରା ୧୬ ରେ ଜଜ ମାନେ ତାହାକୁ କିପରି ପୂରଣ କରିବେ ସେଥିପାଇଁ ୨୦୦ ଶବ୍ଦ ମଧ୍ୟରେ ବିସ୍ତୃତ ବିବରଣୀ ଦେବାକୁ ରହିଥିଲା । ଏହାକୁ ନା ବିବେଚନା କମିଟି ନା ତଦନ୍ତ କମିଟି ସ୍ଥିର କରିଥିଲେ । କେବଳ ପରସୋନେଲ ଓ ଟ୍ରେନିଂ ବିଭାଗର ମନ୍ତ୍ରୀମାନେ ହିଁ ସ୍ଥିର କରିଥିଲେ । ଉକ୍ତ ଆକ୍ଟରେ ଯାହାର କୌଣସି ଭୂମିକା ହିଁ ନାହିଁ ।

**ପରସୋନେଲ ଓ ଟ୍ରେନିଂ ବିଭାଗ ଦ୍ୱାରା ତଦନ୍ତ କମିଟିର କାର୍ଯ୍ୟ ହ୍ରାସ କରାଯାଇଛି ।**

ଆକ୍ଟର ନିୟମ ୧୦ ଅନୁଯାୟୀ ତଦନ୍ତ କମିଟି କିଛି ନାମର ତାଲିକା ପ୍ରସ୍ତୁତ କରିବ ଓ ତାହାକୁ ବିବେଚନା କମିଟି ପାଖକୁ ପଠାଇବ । ଏଠାରେ ପରସୋନେଲ ଓ ଟ୍ରେନିଂ ବିଭାଗର କାମ ହେଉଛି କେବଳ ଆବେଦନକାରୀଙ୍କ ନାମ ଭାରତ ସରକାରଙ୍କ ପାଖକୁ ପଠାଇବ ।

ଗଣମାଧ୍ୟମରୁ ପ୍ରକାଶ କି ଜଣେ ଗଣ୍ୟମାଣ୍ୟ ସଦସ୍ୟ ଫଲି.ଏସ ନରିମ୍ୟାନ ଉକ୍ତ ପଦବୀ ଗ୍ରହଣ କରିବାକୁ ମନା କରିଦେଇଥିଲେ । କାରଣ ରବର ଷ୍ଟାମ୍ପ ଭଳି ତୁଲାଉଥିବା ଦାୟିତ୍ୱକୁ ବହନ କରିବାକୁ ସମସ୍ତେ ରାଜି ହୋଇ ପାରିବେନାହିଁ । ଉକ୍ତ କମିଟିରେ ସରକାର ତଥା ତାଙ୍କର କିଛି ସମର୍ଥକ ଦଳର ଲୋକଙ୍କ ନାମ, କିଛି ସରକାରୀ ଓକିଲ ଓ କଂଗ୍ରେସ ପ୍ରବକ୍ତାଙ୍କ ନାମ ମଧ୍ୟ ରହିଅଛି । ଶ୍ରୀମତୀ ସୁଷମା ସ୍ୱରାଜଙ୍କ ନାମ ଏଥିପାଇଁ ଦିଆଯାଉଥିଲେ ମଧ୍ୟ ସେ ଏହାକୁ ଗ୍ରହଣ କରିବାକୁ ସ୍ପଷ୍ଟ ମନା କରିଦେଇଥିଲେ । ଯାହା ଫଳରେ ଏହା ଏକ ନିରପେକ୍ଷ ସଂସ୍ଥା ନହୋଇ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସବୁବେଳେ ସପକ୍ଷରେ ରହିବ । ତେଣୁ ଏହାଠାରୁ ସ୍ୱଚ୍ଛ ତଥା ନିରପେକ୍ଷ କାର୍ଯ୍ୟପନ୍ଥା କିପରି ଆଶା କରାଯାଇପାରିବ ? ଉପା ସରକାର ସି.ବି.ଆଇ, ସି.ଏ.ଜି, ପି.ଏ.ସି, ଜେ.ପି.ସି ଓ ସି.ଭି.ସି ଆଦି ସଂସ୍ଥାର ବହୁ କ୍ଷତି କରିସାରିଛନ୍ତି । ହେଲେ ମୁଁ ଆଶା କରେ କି ଲୋକପାଳ ଏଭଳି କ୍ଷତିରୁ ହୁଏତ ନିଜକୁ ବଞ୍ଚାଇପାରିବ ।